# Akashvani, Sambalpur

## SAMBALPURI NEWS EVENING BULLETIN

**10 December 2024- 7.02 pm- 7.12 pm.**

**********************************************

୧- ସାଇବର୍ ଅପରାଧ୍ ଆଉ ଜଳବାୟୁ ପରିବର୍ତନ୍ ମାନବ ଅଧିକାର୍ ଲାଗି ବଡ଼ ବିପଦ୍ ସାଜିଛେ- କହେଲେ ରାଷ୍ଟ୍ରପତି ।

୨- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୪ର ଯୁଆନ୍ ଉଦ୍ଭାବକମାନ୍‌କର୍ ସାଙ୍ଗେ ଆଏବା କାଏଲ୍ କର୍‌ବେ ଆଲୋଚନା ।

୩- ରାଏଜେ ଆଏବା ମାସ୍‌ନୁ ମୁଲ୍ ହେବା ପକ୍ଷୀ ଗନ୍‌ନା - କହେଲେ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ।

ଆଉର୍

୪- କଟକ୍ ନ ଆଏଜ୍‌ଠାନୁ ମୁଲ୍ ହେଲା ଓଡ଼ିଶା ମାଷ୍ଟର୍ସ - ୨୦୨୪ ଆନ୍ତର୍ଜାତୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍ ।

ଜାତୀୟ ମାନବ ଅଧିକାର୍ ଦିବସ-ରାଷ୍ଟ୍ରପତି      ଏନ୍ଏସ୍ଡି

ସାଇବର୍ ଅପରାଧ ଆଉ ଜଲ୍ବାୟୁ ପରିବର୍ତନ୍ ମାନବ ଅଧିକାର୍ ଲାଗି ବଡ଼ ବିପଦ୍ ଭାବେ ଉଭା ହେଇଛେ । ସମ୍କର୍ ଅଧିକାର୍ର ସୁରକ୍ଷାକେ ସୁନିଶ୍ଚିତ୍ କରିକରି ଗୁଟେ ସମାନ୍ ଡିଜିଟାଲ୍ ପରିବେଶ୍ ସୃଷ୍ଟି କର୍ବାର୍କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ୍ ଦେଇଛନ୍ । ନୂଆଦିଲ୍ଲୀ ନ ଜାତୀୟ ମାନବ ଅଧିକାର୍ ଆୟୋଗଙ୍କର୍ ତର୍ଫୁ ଆଏଜ୍ ହେଇଥିବା ଜାତୀୟ ମାନବ ଅଧିକାର୍ ଦିବସ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ରାଷ୍ଟ୍ରପତି କହିଛନ୍ ଯେ, ଡିଜିଟାଲ୍ ଯୁଗ ପରିବର୍ତନ୍ ଆନିଛେ । ହେଲେ ଡିପ୍ ଫେକ୍ , ଭୁଲ୍ ସୂଚନା , ସାଇବର୍ ବଲିଂ ଆର୍ ବ୍ୟକ୍ତିଗତ ତଥ୍ୟକେ ପ୍ରଘଟ୍ କର୍ବାର୍ଥି ବଡ଼ ଭୂମିକା ନେଉଛେ । ରାଷ୍ଟ୍ରପତି ଆହୁରି କହିଛନ୍ ଯେ, ଯୁଆନ୍ ପିଢ଼ିଙ୍କର୍ ଲାଗି ସମାନ୍ ସୁଯୋଗ୍, କ୍ଷୁଧା ନିବାରଣ, ଗରିବୀ ଦୂରିକରଣ୍ ଉପ୍ରେ ଯୋଜ୍ନାମାନ୍ ଲାଗୁ କରିକରି ପୁର୍ଥି ନ ଭାରତ୍ ସମ୍କର୍ ଲାଗି ଉଦାହରଣ୍ ସୃଷ୍ଟି କରିଛେ ବଲି ରାଷ୍ଟ୍ରପତି କହିଛନ୍ । ଇ ଅବ୍ସରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜାତୀୟ ମାନବ ଅଧିକାର୍ ଆୟୋଗ ତର୍ଫୁ ତିଆର୍ କରାଯାଇଥିବା ୩ ଟା ପ୍ରକାଶନ୍କେ ଉନ୍ମୋଚନ୍ କରିଥିଲେ ।

ରାଷ୍ଟ୍ରପତି-ପଂଚାୟତ୍ରାଜ ପୁରସ୍କାର୍      ଆର୍ଏନ୍ୟୁ/ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ଠାନେ ଆଏବା କାଏଲ୍ ଜାତୀୟ ପଂଚାୟତ୍ ପୁରସ୍କାର୍-୨୦୨୪ ଦେବେ । ଭିନ୍ ଭିନ୍ ବର୍ଗଥି ସଫଲତାର୍ ଲାଗି ୪୫ ଟା ଇ ସମ୍ମାନ୍ ଦିଆଯିବା । ସେଥିର୍ ଭିତ୍‌ରେ ଓଡ଼ିଶାକେ ଭିନ୍ ଭିନ୍ ଶ୍ରେଣୀଥି ୭ ଟା ପୁରସ୍କାର୍ ମିଲ୍‌ବା ।

ଇଥି ଓଡ଼ିଶାର୍ ଗଞ୍ଜାମ୍ ଜିଲ୍ଲା ଛତ୍ରପୁର୍‌କେ ଶ୍ରେଷ୍ଠ ପଂଚାୟତ୍ ଆର୍ କୋରାପୁଟ୍ ଜିଲ୍ଲାକେ ୨ ନମ୍ବର୍ ସର୍ବଶ୍ରେଷ୍ଠ ଜିଲ୍ଲା ପଂଚାୟତ୍ ଭାବେ ନାନାଜୀ ଦେଶ୍‌ମୁଖ ସର୍ବୋତମ୍ ପଂଚାୟତ୍ ଶତତ ବିକାଶ୍ ପୁରସ୍କାର୍ ଦିଆଯିବା । ହେନ୍ତା ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ବଣେଇଗଡ଼ ବ୍ଲକ୍‌ର କେନ୍ଦ୍ରିକେଲା ପଂଚାୟତ୍‌କେ କାର୍ବନ୍ ନ୍ୟୁଟ୍ରଲ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ବର୍ଗଥି ୨ ନମ୍ବର୍ ପୁରସ୍କାର୍, ରାଜ୍ୟ ଗ୍ରାମୀଣ୍ ବିକାଶ୍ ଆଉ ପଂଚାୟତ୍‌ରାଜ୍ ସଂସ୍ଥାନ୍‌କେ କ୍ଷମତା ନିର୍ମାଣ୍ ସଂସ୍ଥାନ୍ ପୁରସ୍କାର୍‌ଥି ୨ ନମ୍ବର୍ ପୁରସ୍କାର୍, ଗଞ୍ଜାମ୍ ଜିଲ୍ଲା କେଲୁଆପଲ୍ଲୀ ପଂଚାୟତ୍‌କେ ଦୀନଦୟାଲ୍ ଉପାଧ୍ୟାୟ ପଂଚାୟତ୍ ଶତତ୍ ବିକାଶ୍ ପୁରସ୍କାର୍ ଶ୍ରେଣୀଥି ସୁସ୍ଥ ପଂଚାୟତ୍ ପୁରସ୍କାର୍ ମିଲ୍‌ବା । ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ କୋଇଡ଼ା ବ୍ଲକ୍‌ର କାସିରାକେ ଗ୍ରାମଉର୍ଜା ସ୍ୱରାଜ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ମିଲ୍‌ବା ।

ସ୍ମାର୍ଟ ଇଣ୍ଡିଆ ହାକାଥନ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ର ଶେଷ୍ ଖେପେ ୟୁଆନ୍ ଉଭାବକମାନ୍‌କର୍ ସହେତେ ଆଏବା କାଏଲ୍ ଆଭାସି ଜରିଏ ଆଲୋଚନା କର୍‌ବେ । ଇ ଖେପେ ୧୩ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ଯୋଗ୍ ଦଉଛନ୍ । ପ୍ରତିଯୋଗିତାର୍ ଇ ୭ ନମ୍ବର୍ ସଂସ୍କରଣ୍ ଦେଶର୍ ୫୧ ଟା ନୋଡ଼ାଲ୍ ସେଂଟର୍‌ଥି ୧୭ ଟା ବିଷୟବସ୍ତୁ ଉପ୍‌ରେ ଆୟୋଜନ୍ କରାହେବା ।

ପ୍ରବାସୀ ଭାରତୀୟ ସମ୍ମିଲନୀ-କମିଟି ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ ପ୍ରବାସୀ ଭାରତୀୟ ସମ୍ମିଲନୀ ଲାଗି ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ପୁରା ତୟାର୍ ଅଛେ ବଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ସମ୍ମିଲନୀ ଆୟୋଜନ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ସହେତେ କଟକ୍, ପୁରୀ, କୋଣାର୍କ, ଚିଲିକା, ରତ୍ନଗିରି, ଲଳିତଗିରି ବାଗିର୍ ଦର୍ଶନୀୟ ଜାଗା ମାନ୍‌କେ ଭିତିଭୂମିର୍ ଉନ୍ନତି କରାଯାଇଛେ । ପ୍ରବାସୀ ମାନେ ସେସବୁ ଜାଗାକେ ଯାଇକରି ପରିଦର୍ଶନ୍ କର୍‌ବାର୍ ଲାଗି ସବୁ ବ୍ୟବସ୍ଥା କରାଯାଇଛେ । ଇଥର ରାଏଜେ ପହେଲାଥର୍ ଲାଗି ହୋମ୍

ଷ୍ଟେ ବ୍ୟବସ୍ଥା କରାଯାଇଛେ । ପ୍ରବାସୀ ମାନେ ଲୁକଙ୍କର୍ ଘରେ ଅତିଥି ହେଇକରି ରହିପାର୍‌ବେ । ଯେନ୍‌ମାନେ ଅତିଥିମାନ୍‌କୁ ନିଜର୍ ଘରେ ରଖିବାର୍ ଲାଗି ଚାହେଁବେ ସେମାନେ ପର୍ଯ୍ୟଟନ୍ ବିଭାଗ୍‌ର ଅନ୍‌ଲାଇନ୍ ପୋର୍ଟାଲ୍‌ଥି ଆବେଦନ୍ କରିପାର୍‌ବେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ରାଜ୍ୟସଭା ଆସନ୍‌ର ଉପନିର୍ବାଚନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ଖାଲିଥିବା ଗୁଟେ ରାଜ୍ୟସଭା ଆସନ୍‌ର ଉପନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କାମ୍ ଆଏଜ୍ ଶେଷ୍ ହେଇଛେ । ହେଲେ ଇ ଆସନ୍ ଲାଗି ବିଜେପିର୍ ସୁଜିତ୍ କୁମାର୍ ଏକ୍‌ଲା ଝନେ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ତାଙ୍କର୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ । ଆଏଜ୍ ପ୍ରାର୍ଥୀପତ୍ର ଦାଖଲ୍‌ର ଶେଷ୍ ଦିନ୍ ହେଇଥିଲେ ଭିଲ୍ ଆଉ କେହି ନାମାଙ୍କନ୍ ପତ୍ର ଦାଖଲ୍ ନାଇଁ କରିଥିବାର୍‌ନୁ ବିଜେପି ପ୍ରାର୍ଥୀ ସୁଜିତ୍ କୁମାର୍ ନିର୍ଦ୍ୱନ୍ଦଥି ନିର୍ବାଚିତ୍ ହେବାର୍ ସୁନିଶ୍ଚିତ୍ ହେଇଛେ । ଆଏବା କାଏଲ୍ ନାମାଙ୍କନ୍ ପତ୍ର ଯାଂଚ୍ କରାଯିବା ଆଉ ୧୩ ତାରିଖ୍ ଦିନ ନାମାଙ୍କନ୍ ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ରହିଛେ । ଇ ବାବ୍‌ଦେ ରାଜ୍ୟସଭା ଉପନିର୍ବାଚନ୍ ଲାଗି ନିଯୁକ୍ତ ରିଟର୍ଣ୍ଣିଂ ଅଫିସର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଜନାପଡ଼ିଛେ ।

ଛତିଶା ନିଯୋଗ୍ ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଛତିଶା ନିଯୋଗ୍ ବୈଠକ୍ ହେଉଛେ । ବୈଠକ୍‌ଥି ରତ୍ନଭଣ୍ଡାର୍ ମରାମତି କାମ୍ ବାବ୍‌ଦେ ଆଲୋଚନା ଚାଲିଛେ । ଆଏବା ୧୬ ତାରିଖ୍‌ନୁ ପହିଲିଭୋଗ ମୁଲ୍ ହେବାର୍‌କେ ଥିବାର୍ ବେଲେ ସେହିଦିନଠାନୁ ଡେରିରାତି ୨ ବଜେନୁ ଦ୍ୱାର ଫିଟାଯାଇକରି ମାହାପୁରୁଙ୍କର୍ ନୀତି କରାଯିବା । ସେନ୍ତା ଆଏବା ୧୩ ତାରିଖ୍ ଦିନ ଦେବାଭିଷେକ ପୂର୍ଣ୍ଣିମା ଆଉ ୧୪ ତାରିଖ୍ ଦିନ ମକର ସଂକ୍ରାନ୍ତି ନୀତି ନିର୍ଘଂଟ ନେଇକରି ଆଲୋଚନା କରାଯାଉଥିବା ସୂଚନା ମିଳିଛେ । ବୈଠକ୍‌ଥି ଜିଲ୍ଲାପାଳ୍ ଏଏସ୍‌ଆଇ ଅଧିକ୍ଷକଙ୍କର ସହେତେ ଭିନ୍ ଭିନ୍ ସେବାୟତ ନିଯୋଗ୍‌ର ପ୍ରତିନିଧିମାନେ ଉପସ୍ଥିତ୍ ଅଛନ୍ ।

ବିଧାନସଭା-୨ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ପକ୍ଷୀ ଗନ୍‌ତି ଆଏବା ଜାନୁଆରୀ ମାସେ ମୁଲ୍ ହେବା ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ଆଏଜ୍ ବିଧାନ୍‌ସଭାଥି ଶ୍ରୀ ଖୁଂଟିଆ କହିଛନ୍ ଯେ, ନଭେମ୍ବର୍ ମାସ୍‌ତକ୍ ୪ ଲାଖ୍ ୯୪ ହଜାର୍ ୩ ଶହ ୭୬ ଟା ପକ୍ଷୀ ଓଡ଼ିଶା ଆସିଛନ୍ । ସେଥିର୍‌ଭିତ୍‌ରୁ ଚିଲିକାର୍ ନଳବଣକେ ପାଖାପାଖି ୨ ଲାଖ୍ ୧୭ ହଜାର୍ ପକ୍ଷୀ ବିଦେଶ୍‌ନୁ ଆସିଛନ୍ ।

ବିଦେଶ୍‌ନୁ ଆସୁଥିବା ପକ୍ଷୀମାନ୍‌କର୍ ଲାଗି ଫି' ବଛର୍ ଅକ୍ଟୋବର୍ ମାସ୍‌ନୁ ମାର୍ଚ୍ଚ ମାସର୍ ଶେଷ୍‌ତକ୍ ୨୧ ଟା ଅସ୍ଥାୟୀ ପକ୍ଷୀ ସୁରକ୍ଷା ଶିବିର, ୨ ଟା ଭ୍ରାମ୍ୟମାଣ ଦଳ ଗଠନ୍ କରାଯାଇକରି ଫି' ଶିବିର୍‌ଥି ୩ ଝନ୍ ସ୍ଥାନୀୟ ଯୁବକ ଆଉ ଝନେ ବନରକ୍ଷୀ ପହରା ଦେବାର୍ ବ୍ୟବସ୍ଥା କରାଯାଇଛେ। ପକ୍ଷୀମାନ୍‌କର୍ ସୁରକ୍ଷାର୍ ଲାଗି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ ଗୃହ ନ କହିଛନ୍।

ସେନ୍ତା ଗଲା ୧୦ ବଛର୍ ଭିତ୍‌ରେ ରାଏଜେ ୮ ଶହ ୫୭ ଟା ହାତୀର୍ ଜୀବନ୍ ଯାଇଛେ ବଲି ଶ୍ରୀ ଖୁଂଟିଆ ବିଧାନ୍‌ସଭାଥି କହିଛନ୍। ସେଥିର୍‌ଭିତ୍‌ରୁ ଭିନ୍ ଭିନ୍ ରୋଗ୍‌ଥି ୩ ଶହ ୫, ବିଜ୍‌ଲି ଆଘାତ୍‌ଥି ଶହେ ୪୯ ଆର୍ ପ୍ରକୃତିଗତ କାରଣ୍‌ନୁ ୨ ଶହ ୨୯ ହାତୀଙ୍କର୍ ଜୀବନ୍ ଯାଇଥିଲା। ଶ୍ରୀ ଖୁଂଟିଆ କହିଛନ୍ ଯେ, ରାଏଜେ ଇ ବଛର୍ ଗଲା ମାସ୍‌ତକ୍ ୨ ହଜାର୍ ଶହେ ୩ ଟା ହାତୀ ଅଛନ୍। ୨୦୧୫ ମସିହାଥି ହଜାରେ ୯ ଶହ ୫୪ ଟା ହାତୀ ଥିବାର୍ ବେଲେ ଇ ବଛ୍‌ରର୍ ମେ ମାସ୍‌ତକ୍ ହାତୀଙ୍କର୍ ସଂଖ୍ୟା ୨ ହଜାର୍ ୯୮ଥି ଥିଲା ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍।

ବିଧାନ୍‌ସଭା-୧ ଆର୍‌ଏନ୍‌ୟୁ/ କଟକ୍

ଧାରଣା ଦେଇଥିବା ମିଶନ୍ ଶକ୍ତି ଆଉ ଅଲ୍‌ଗା କେତେଟା ପ୍ରସଙ୍ଗ ବାବ୍‌ଦେ ଆଏଜ୍ ବିଜେଡ଼ି ଆର୍ କଂଗ୍ରେସ୍‌ର ସଦସ୍ୟମାନେ

କିର୍ଲାଗଗା କର୍‌ବାର୍‌ନୁ ବିଧାନ୍‌ସଭା ଅଧିବେଶନ୍‌ର ପ୍ରଥମାର୍ଦ୍ଧ ବୈଠକ୍ ବାଧା ହେଇଥିଲା । ଗୃହଥି ପ୍ରଶ୍ନକାଳ ସୁରୁଖୁରୁଥି ଚାଲି ନାଇଁ ପାରିଥିଲା । ପ୍ରଶ୍ନକାଳ ମୁଲ୍ ହେବାର୍‌ଖିନ୍ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନର୍ ଉତର୍ ଦେବାର୍‌କେ ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ୍ ନାଏକଙ୍କୁ କହିଥିଲେ । ଗୃହ ନ ମନ୍ତ୍ରୀ ଉତର୍ ଦେବାର୍ ବେଲେ ବିରୋଧୀ ଦଲ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ମିଶନ୍ ଶକ୍ତି ପ୍ରସଙ୍ଗ ଉଠେଇଥିଲେ । ବାଚସ୍ପତି ପ୍ରଶ୍ନୋତର କାମ୍ ଜାରି ରଖିବାର୍‌ନୁ ବିଜେଡ଼ି ଆଉ କଂଗ୍ରେସ୍ ସଦସ୍ୟମାନେ ଗୃହର୍ ମଝିକେ ଆସିକରି କିର୍ଲାଗଗା କରିଥିଲେ । ସେଥିର୍‌ଲାଗି ଗୃହ ନ ପ୍ରଶ୍ନକାଳ ମାତରକ୍ ୩ ମିନିଟ୍ ଲାଗି ଚାଲିଥିଲା । ହେଲେ ଶୂନ୍ୟକାଳ ନ ମିଶନ୍ ଶକ୍ତି ପ୍ରସଙ୍ଗଥି ବିରୋଧୀ ଆଉ ଶାସକଙ୍କର୍ ଭିତ୍‌ରେ ସର୍‌ଗରମ୍ ଆଲୋଚନା ହେଇଥିଲା ।

## ଓଡ଼ିଶା ମାଷ୍ଟର୍ସ ଆନ୍ତର୍ଜାତୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍

ଆର୍‌ଏନ୍‌ୟୁ / ସମ୍ବଲପୁର

କଟକ୍‌ର ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଆଏଜ୍‌ଠାନୁ ଓଡ଼ିଶା ମାଷ୍ଟର୍ସ ଆନ୍ତର୍ଜାତୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍ ମୁଲ୍ ହେଇଛେ । ଆଏବା ୧୫ ତାରିଖିତକ୍ ଚାଲ୍‌ବାର୍‌କେ ଥିବା ଇ ଟୁର୍ଣ୍ଣାମେଂଟ୍‌ଥି ଭାରତ୍, ଜାପାନ୍,

ଇଣ୍ଡୋନେସିଆ, ଚୀନ୍, ଡେନ୍‌ମାର୍କ, ବୁଲ୍‌ଗେରିଆ ସହେତେ ୨୯ ଟା ଦେଶ୍ ନୁ ପାଖାପାଖି ୩ ଶହ ୫ନ୍ ଖେଲାଲି ଭାଗ୍ ନେଇଛନ୍ । ଟୁର୍ଣ୍ଣାମେଂଟ୍‌ଥି ସିଙ୍ଗିଲ୍ସ ଆଉ ଡବଲ୍ସ ବିଭାଗ୍‌ଥି ଖେଲାଲି ମାନେ ଭାଗ୍ ନେଉଛନ୍ । ଓଡ଼ିଶା କ୍ରୀଡ଼ା ଆଉ ଯୁବସେବା ବିଭାଗ୍, ବେଡ଼ମିଂଟନ୍ ଏସୋସିଏସନ୍ ଅଫ୍ ଓଡ଼ିଶା ଆଉ ଓଡ଼ିଶା ଷ୍ଟେଟ୍ ବେଡ଼ମିଂଟନ୍ ଏସୋସିଏସନ୍ ତର୍‌ଫୁ ଇ ଟୁର୍ଣ୍ଣାମେଂଟ୍ ଆୟୋଜନ୍ କରାଯାଇଛେ ।

ସଂଗ୍ରାମୀ ରେଣ୍ଡୋ ମାଝୀ ସହୀଦ୍ ଦିବସ  କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କର୍ ସହୀଦ୍ ଦିବସ୍ ତାଙ୍କର୍ ଜନମ୍ ମାଟି ଲୁବେନ୍‌ଗଡ଼୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଆଦିବାସୀ ସଂଘ ତର୍‌ଫୁ ଆଏଜ୍ ପାଲିତ୍ ହେଇଛେ । ଇ ଅବ୍‌ସରେ ଭବାନୀପାଟ୍‌ନାଠାନେ କଲାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ତର୍‌ଫୁ ନାକଟିଗୁଡ଼ାନୁ ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ଧରିକରି ଗୁଟେ ବିଶାଳ ଶୋଭାଯାତ୍ରା କରିଥିଲେ । ପଛେ ଜିଲ୍ଲାର୍ ଜେଲ୍‌ଛକ୍‌ଠାନେ ଥିବା ରେଣ୍ଡୋ ମାଝୀଙ୍କର୍ ପ୍ରତିମୂର୍ତିଥି ଫୁଲ୍‌ମାଲ୍ ଦେଇଥିଲେ । ସେଆଡ଼େ ଜିଲ୍ଲା ଟାଉନ୍‌ହଲ୍ ନ ଆଦିବାସୀ ସଂଘ ତର୍‌ଫୁ ରେଣ୍ଡୋ ମାଝୀ ଶହୀଦ୍ ଦିବସ୍ ପାଲନ୍ କରାଯାଇଛେ । ଇଥି ଲାଞ୍ଜିଗଡ଼୍ ବିଧାୟକ୍ ପ୍ରଦୀପ୍ ଦିଶାରୀ

ଆଉ ଭିନ୍ ଭିନ୍ ବ୍ଲକ୍‌ର ଆଦିବାସୀ ସମାଜ୍‌ର କର୍ମକର୍ତାମାନେ ଯୋଗ୍ ଦେଇକରି ରେଣ୍ଡୋ ମାଝୀଙ୍କୁ ସୁର୍‌ତା କରିଥିଲେ ।

ଉତରାଂଚଳ ରାଜସ୍ୱ କମିଶନର୍- ଦେବ୍‌ଗଡ୍

ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାର ନିର୍ବାଚନ୍ କାମ୍‌ର ତଦାରଖ୍ ଲାଗି ରାଜ୍ୟ ନିର୍ବାଚନ୍ କମିଶନ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଥିବା ଉତରାଂଚଳ ରାଜସ୍ୱ କମିଶନର୍ ସଚିନ୍ ରାମଚନ୍ଦ୍ର ଯାଦବ୍ ଦେବ୍‌ଗଡ୍ ଗସ୍ତଥି ଯାଇକରି ଭୋଟର୍ ତାଲିକା ବାବ୍‌ଦେ ସମୀକ୍ଷା କରିଥିଲେ । ଶ୍ରୀ ଯାଦବ୍ ଜିଲ୍ଲାଥି ଭୋଟର୍ ତାଲିକା ସଂଶୋଧନ୍ ତାଲିକାଥି ଥିବା ବ୍ଲକ୍‌ର ସହାୟକ ନିର୍ବାଚନ୍ ପଞ୍ଜିକରଣ୍ ଅଧିକାର୍ ଆଉ ରାଜନୈତିକ୍ ଦଲ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ଭୋଟର୍ ତାଲିକା ସଂଶୋଧନ୍, ନୂଆଁ ଭୋଟର୍ ପଞ୍ଜିକରଣ୍, ଆଉ ୧୭ ବଛର୍ ନୁ ଅଏତ୍‌କା ବୟସ୍ ହେଉଥିବା ପିଲା ଟୁକେଲ୍‌ମାନ୍‌କୁ ଭୋଟର୍ ତାଲିକାଥି ତାଲିକାଭୁକ୍ତ କର୍‌ବାର୍ ଲାଗି ସେ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକ୍‌ଥି ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ, ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଲ୍ ପରିକ୍ଷିତ ସାହୁ ପ୍ରମୁଖଙ୍କର୍

ସହେତେ ଅଲ୍‌ଗା ଅଧିକାରୀ ଆଉ ରାଜନୈତିକ୍ ଦଲର୍ ପ୍ରତିନିଧି ଯୋଗ୍ ଦେଇଥିଲେ ।

କୃଷକ୍ ଆଉ କୃଷିଜୀବୀ ମହିଳା ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ମଥୁରା ପଂଚାୟତ୍‌ର ଦନ୍ତାପାଲି ନ ଗୁଟେ କୃଷକ୍ ଆଉ କୃଷିଜୀବୀ ମହିଳା ଶିବିର୍ ହେଇଯାଇଛେ । ଜୈବିକ କୃଷି, ପନିପରିବା ଚାଷ୍ ଆଉ ଛତି ଚାଷ୍ କରିକରି ପରିବାର୍‌ର ଅର୍ଥନୈତିକ୍ ଅଭିବୃଦ୍ଧି ଲାଗି ଇଥି ତାଲିମ୍ ଦିଆଯାଇଥିଲା । କୃଷି ବିଜ୍ଞାନ୍ କେନ୍ଦ୍ରର୍ ମୁଖ୍ୟ ସଂଯୋଜକ ଡାକ୍ତର୍ ତପନ୍ କୁମାର୍ ଦାସ, ଡାକ୍ତର୍ ସସ୍ମିତା ପାଲ୍ ଆଉ ଡାକ୍ତର୍ ସମାପିକା ଦଲେଇ ଚାଷୀମାନ୍‌କୁ ତାଲିମ୍ ଦେଇଥିଲେ ।

ବିଶ୍ୱ ମାନବ ଅଧିକାର୍ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଫି ଲୁକର୍ ମୌଲିକ୍ ସ୍ୱାଧୀନତା ଆଉ ଅଧୀକାର୍‌କେ ସୁନିଶ୍ଚିତ୍ କର୍‌ବାର୍ ଦିଗେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍ ସାରା ପୁର୍‌ଥି ନ ମାନବ ଅଧିକାର୍ ଦିବସ୍ ପାଲନ୍ କରାଯାଉଛେ । ଫି’ ଲୁକର୍ ଖାଏବାର୍, ଶିକ୍ଷା ଆଉ

ସ୍ୱାସ୍ଥ୍ୟସେବା ପାଏବାର୍ ଲାଗି ଆଉ ନ୍ୟାୟସମ୍ମତ ସମାନତା ମିଲ୍‌ବାର୍ ସହେତେ ମର୍ଯ୍ୟାଦାଥି ବଂଚ୍‌ବାର୍ ଅଧିକାର୍ ରହିଛେ । ୧୯୫୦ ମସିହା ଫିଁ’ ବଛର୍ ଡିସେମ୍ବର୍ ୧୦ ତାରିଖ୍ ଦିନ ମାନବ ଅଧିକାର୍ ଦିବସ୍ ପାଲିତ୍ ହେଇଆସୁଛେ ।